# ଅନୁଗୋଳ ଷ୍ଟାଡିୟମରେ ଖୋଲିଲା ସରକାରୀ ଆମ୍ବ ବଜାର ।

ଅନୁଗୋଳ,ତା.୨୯.୫:- ଅନୁଗୋଳ ଜିଲ୍ଲାରେ ଉତ୍ତମ କିସମର ଆମ୍ବକୁ ପ୍ରଦର୍ଶିତ କରିବା ସହ ସେଗୁଡିକୁ ସୁଲଭ ଦରରେ ବିକ୍ରୀବଟା କରିବା ନିମନ୍ତେ ଆଜି ଅନୁଗୋଳ ଷ୍ଟାଡିୟମ ପାର୍ଶ୍ୱରେ ଏକ ଆମ୍ବ ବଜାର ଖୋଲାଯାଇଛି । ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଚାଷୀମାନେ ଭଲ କିସମର ଆମ୍ବକୁ ଉଚିତ୍ ମୂଲ୍ୟରେ ବିକ୍ରି କରି ଲାଭବାନ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅନୁଗୋଳ ଜିଲ୍ଲାରେ ବିଭିନ୍ନ କିସମର ଆମ୍ବ ବେପାରୀମାନଙ୍କ ଦ୍ୱାରା କମ୍ ଦରରେ କିଣାଯାଇ ଅଧିକ ମୂଲ୍ୟରେ ବିକ୍ରି ହେଉଥିବାରୁ ଉଭୟ ଚାଷୀ ଓ ଖାଉଟି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାରେ ପ୍ରଥମ ଥର ପାଇଁ ଖୋଲାଯାଇଥିବା ଏହି ଆମ୍ବ ବଜାର ଉଭୟ ଖାଉଟି,ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଫଳପ୍ରଦ ହେବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି । ଏହି ବଜାରରେ ବମ୍ବେ ଗ୍ରିନ, ଆମ୍ରପଲି,ଗୁଲାବ ଖାସ,ହେମସାଗର,ଲାଟ ସୁନ୍ଦରି, ଲେଙ୍ଗଡା, ବାଇଗଣ ପଲ୍ଲି, ରାଜା ବାଇଗଣ ପଲ୍ଲି, ଫଜିଯେଣ୍ଟ, ହାତୀମୁଣ୍ଡି,ଦଶେରୀ, ମଲ୍ଲିକା,ଗୁଲାବଖାସ ଓ ଦେଶୀ ଆମ୍ବ ପ୍ରଭୃତି ୧୪ଟି କିସମର ଆମ୍ବ ପ୍ରଦର୍ଶିତ ଓ ବିକ୍ରି କରାଯାଉଛି । ଏହି ବଜାର ଆସନ୍ତା ମାସ ୫ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଆସନ୍ତା ସପ୍ତାହରେ ନୂଆ କିସମର ଆମ୍ବ ଏଠାକୁ ଆସିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି । ଏହି ଆମ୍ବ ବଜାରର ବିଶେଷତ୍ୱ ହେଉଛି ଚାଷୀମାନେ ଗଛରୁ ପାଚିଲା ଆମ୍ବକୁ ତୋଳି ଆଣି ସିଧାସଳଖ ଖାଉଟିମାନଙ୍କୁ ବିକ୍ରିକରି ତାଂକର ପ୍ରାପ୍ୟ ସଂଗ୍ରହ କରିବେ । ଓରମାସ୍, ଉଦ୍ୟାନ ବିଭାଗ, ନିୟନ୍ତ୍ରିତ ବଜାର କମିଟି ଓ ଏଫ ଇ ଏସ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆମ୍ବ ବଜାର ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଓରମାସର କାର୍ଯ୍ୟନିର୍ବାହୀ ଶ୍ରୀ ନିରୋଦ କୁମାର ଜେନା, ଏଫ୍ ଇ ଏସର ସ୍ୱପ୍ନା ସଡଂଗୀ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଶ୍ରୀ ସନ୍ତୋଷ କୁମାର ପ୍ରଧାନଂକ ସମେତ ମହିଳା ବହୁମୁଖୀ ସମବାୟ ସମିତିର ସଦସ୍ୟା ବୃନ୍ଦ, ଓ ବିଭିନ୍ନ ବ୍ଲକରୁ ଆସିଥିବା ଉତ୍ପାଦିକା ଦଳର ଆମ୍ବ ଚାଷୀମାନେ ଯୋଗ ଦେଇଥିଲେ ।






Gullab Khaas
ଗୁଲାବ ଖାସ